## ସଂକ୍ଷେପରେ

### ବେଆଇନ ଗୋଚାଲାଣ, ୮ ବେପାରୀ ଅଟକ

**ସୋର,୩।୨(ଡି.ଏନ.ଏ):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମ ପଡ଼ିଆରେ ବୁଧବାର ବିଳମ୍ବିତ ରାତିରେ ପ୍ରାୟ ୨୦୦ ଗୋରୁଙ୍କୁ ବେଆଇନ୍ ଭାବେ ବାହାରକୁ ଚାଲାଣ କରାଯାଉଥିଲା। ଖବରପାଇ ଗୋ ରକ୍ଷକ ସଂଗଠନ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଲୋକେ ପହଞ୍ଚି ବେପାରୀଙ୍କ ସହ ଗୋରୁଙ୍କୁ ଅଟକ ରଖିଛନ୍ତି। ଏହି ସ୍ଥାନରୁ ପ୍ରାୟ ସମୟରେ ଅତି ଅମାନୁଷିକ ଭାବେ କଣ୍ଟେନର ଓ ପିକ୍‌ଅପ୍‌ରେ ଗୋଚାଲାଣ ହେଉଥିବା ଅଭିଯୋଗ ହେଉଛି। ଗୋରୁଙ୍କୁ କିଛି ପିକ୍‌ଅପ୍‌ରେ ଲୋଡ୍ କରାଯାଉଥିବା ବେଳେ ଲୋକେ ବିରୋଧ କରିଥିଲେ। କେତେଜଣ ବେପାରୀ ଗୋରୁ ବୋଝେଇ ପିକ୍‌ଅପ୍ ନେଇ ପଳାଇଯାଇଥିବା ବେଳେ ୮ଜଣଙ୍କୁ ଅଟକ ରଖି ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ପହଞ୍ଚି ସେମାନଙ୍କୁ ପଚରାଉଚରା କରୁଥିବା ଜଣାପଡ଼ିଛି।

### ସବ୍ ପୋଷ୍ଟଅଫିସ୍ ସ୍ଥାନାନ୍ତରକୁ ବିରୋଧ

**ସୋର,୩।୨(ଡି.ଏନ.ଏ):** ବାଲେଶ୍ୱର ଜିଲା ସୋର ବଜାରସ୍ଥିତ ସବ୍‌ପୋଷ୍ଟ ଅଫିସ୍‌କୁ ସୋର ହେଡ୍ ପୋଷ୍ଟ ଅଫିସ୍‌କୁ ସ୍ଥାନାନ୍ତର ଯୋଜନାକୁ ଲୋକେ ବିରୋଧ କରିଛନ୍ତି। ବହୁ ପୁରୁଣା ଏହି ପୋଷ୍ଟ ଅଫିସ୍ ସ୍ଥାନୀୟ ଲୋକଙ୍କୁ ଡାକ ସେବା ଯୋଗାଇ ଆସୁଥିବା ବେଳେ ବହୁ ସ୍ୱଳ୍ପ ସଞ୍ଚୟକାରୀ ଉପକୃତ ହେଉଥିଲେ। ତେବେ ଏହା ସ୍ଥାନାନ୍ତର କରାଯିବା ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନୋଟିସ୍ ପରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଗୁରୁବାର ଏହି ଅଫିସ୍ ଉଠାଯାଉଥିବା ଖବରପାଇ ନାଗରିକ ମଞ୍ଚ ସମ୍ପାଦକ ଡ. ନରହରି ନାୟକ, ପୂର୍ବାଷା ମହାନ୍ତି ଓ ରଞ୍ଜନ ଦାସଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ବିରୋଧ କରିବାରୁ ସ୍ଥାନାନ୍ତର ଉଦ୍ୟମ ସମ୍ଭବ ହୋଇ ପାରି ନ ଥିଲା।

### ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କେନ୍ଦୁଝର, ୩।୨(ସ୍ୱ.ପ୍ର./ଡି.ଏନ.ଏ.):** ସ୍ଥାନୀୟ ନରସିଂହ ପୋଲିସ ହାଇସ୍କୁଲର ପ୍ରଧାନ ଶିକ୍ଷକ ଇନ୍ଦ୍ରମଣି ମହାନ୍ତ ମଙ୍ଗଳବାର ଅବସର ଗ୍ରହଣ କରିଛନ୍ତି। ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବିଦାୟକାଳୀନ ସଭାରେ ସମସ୍ତ ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇ ପୁଷ୍ପ ଗୁଚ୍ଛ, ମାନପତ୍ର, ଉପଢୌକନ ଦେଇ ବିଦାୟ ଦେଇଥିଲେ। ସେ ଜଣେ କର୍ତ୍ତବ୍ୟ ନିଷ୍ଠା, ଛାତ୍ରବତ୍ସଳ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ଆସୁଥିଲେ।

### କାନ୍ଥ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**ପାଟଣା,୩।୨(ସ୍ୱ. ପ୍ର.):** କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଚାକୁଣ୍ଡାପାଳ ଗ୍ରାମରେ ଘର କାମ କରୁଥିବା ବେଳେ ଘରର ମାଟି କାନ୍ଥ ପଡି ମଙ୍ଗଳବାର ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଚାକୁଣ୍ଡା ପାଳ ଗ୍ରାମର ମିଥୁନ ବେହେରା(୨୭)। ସୂଚନା ଅନୁଯାୟୀ ମିଥୁନ ୬ ଜଣ ଶ୍ରମିକଙ୍କ ସହ ମିଶି ଜଣେ ବ୍ୟକ୍ତିଙ୍କ ମାଟି ଘର କାନ୍ଥ ଭାଙ୍ଗୁ ଥିଲେ। ତାଙ୍କ ଉପରେ ହଠାତ ମାଟି କାନ୍ଥ ପଡି ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ତୁରୁମୁଙ୍ଗା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୨/୨୨)ରୁଜୁ ହୋଇଛି।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: କେଶପୁରା କ୍ଲବ ବିଜୟୀ

**ଜଳେଶ୍ୱର,୩।୨(ଡି.ଏନ.ଏ):** ବାଲେଶ୍ୱର ଜିଲାର ଜଳେଶ୍ୱର, ବାଲିଆପାଳ ଓ ବସ୍ତା ବ୍ଲକର ସଂଯୋଗସ୍ଥଳୀ ଜଳେଶ୍ୱର ବ୍ଲକ ଅଧୀନ ଗଡ଼ସାହି ବାଲିଆପାଳ ଗାଁର ବାସନ୍ତୀ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ଏହାକୁ ପ୍ରେମାନନ୍ଦ ଗିରି ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ କେଶପୁରା ଏକାଦଶ ସହିତ ନିମା-୧୧ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ବେଳେ କେଶପୁରା କ୍ଲବ ବିଜୟୀ ହୋଇଥିବା ବାସନ୍ତୀ କ୍ଲବର ସଭାପତି ସପନ ଦାସ ସୂଚନା ଦେଇଛନ୍ତି। ଏହି ଖେଳକୁ ନାରାୟଣ ଗିରି, ଅଜୟ ପଣ୍ଡା, ଦେବାଶିଷ ପଣ୍ଡା, ଅନୀଲ ଦାସ ପରିଚାଳନା କରିଥିଲେ। ୮ଦିନ ଧରି ଚାଲିବ ଖେଳ ଚାଲିବ ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

# ରାସ୍ତାରେ ପଡ଼ିରହିଛି ଧାନ

- ଅନ୍‌ଲୋଡିଂ ପାଇଁ ଲେବର ନାହାନ୍ତି କହି ଠକୁଛନ୍ତି ମିଲର
- ଗାଡ଼ିରେ ଧାନ ଲଦି ଶୀତ କାକରରେ ଜଗି ବସିଛନ୍ତି ଚାଷୀ

**ପଦ୍ମପୁର, ୩।୨ (ଡି.ଏନ.ଏ.)**


କଣ୍ଟିଆନାଳି ରାଇସ୍ ମିଲ୍ ସାମ୍ନାରେ ଛିଡ଼ା ହୋଇଥିବା ଧାନଗାଡ଼ି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ସମିତି ଓ ମହିଳା ମହାସଂଘଠାରୁ ଧାନ କିଣିବା ପାଇଁ ବିଭିନ୍ନ ମିଲ୍ ଅନୁବନ୍ଧିତ ହୋଇଛି। ସରକାରଙ୍କ ନିୟମାନୁଯାୟୀ ଚାଷୀମାନେ ଅନ୍‌ଲାଇନ ପଞ୍ଜୀକରଣ ପରେ ଟୋକନ ପାଇ ଧାନ ମଣ୍ଡିକୁ ନେଉଛନ୍ତି। ହେଲେ ଅନୁବନ୍ଧିତ ହୋଇଥିବା ମିଲରମାନେ ଚାଷୀମାନଙ୍କୁ ବସ୍ତା ଦେଉନାହାନ୍ତି। ଚାଷୀମାନେ ନିଜ ଖର୍ଚ୍ଚରେ ଧାନ ଗାଡ଼ିରେ ଲଦି ମିଲ୍‌କୁ ନେଉଥିବା ବେଳେ ଓଜନ ଓ ଅନଲୋଡିଂ ବାବଦ ଟଙ୍କା ମଧ୍ୟ ଦେବାକୁ ବାଧ ହେଉଛନ୍ତି। ତଥାପି ମିଲର ଲେବର ନ ଥିବା ଆଳ ଦେଖାଇବା ସହ ଧାନ ବୋଝେଇ ଗାଡ଼ିକୁ ୩ରୁ୪ ଦିନ ଧରି ମିଲ୍ ପାଖରେ ଛିଡ଼ା କରାଉଛନ୍ତି। ଫଳରେ ଚାଷୀମାନେ ପରିବହନ ବାବଦକୁ ଗାଡ଼ି ମାଲିକମାନଙ୍କୁ ଅର୍ଥ ଦେବା ସହ ଅଟକ ରହିବା ପାଇଁ ତଣ୍ଡ ମଧ୍ୟ ଗଣୁଛନ୍ତି। ଏଥିପ୍ରତି ନିୟନ୍ତ୍ରିତ ବଜାର କମିଟି କିମ୍ବା ଜିଲା ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହେଉଛି। ଚାଷୀମାନେ ଶୀତ କାକରରେ ରାସ୍ତାରେ ଲୋଡିଂ ଧାନ ଗାଡ଼ିକୁ ଜଗି ରହୁଛନ୍ତି।

ବାଲିମୁଣ୍ଡାର କଣ୍ଟିଆନାଳି, ପାରାପୋଖରୀ ମିଲ୍, କୋଷ୍ଟ କେନାଲ ଛକ ମିଲ୍‌ରେ ୨ଶହରୁ ଊର୍ଦ୍ଧ୍ୱ ଗାଡ଼ିରେ ପ୍ରାୟ ୧୫ ହଜାର କୁଇଣ୍ଟାଲ ଧାନ ବୋଝେଇ ହୋଇ ରାସ୍ତା ଉପରେ ଛିଡ଼ା ହୋଇଛି। ଚଳିତବର୍ଷ ଲଘୁଚାପ ଜନିତ ବାତ୍ୟା, ବନ୍ୟା, ସାରର ଅଭାବୀ ବିକ୍ରି ସହ ଏବେ ଧାନ ବିକ୍ରିରେ ଏଭଳି ସମସ୍ୟା ଚାଷୀମାନଙ୍କ ପାଇଁ ଘାତକ ସାଜିଛି। ତୁରନ୍ତ ସମସ୍ୟା ସମାଧାନ ନ କଲେ ବିଭିନ୍ନ ସମିତିରେ ତାଲା ପକାଇବା ସହ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜିଲା ସହାୟକ ଯୋଗାଣ ଅଧିକାରୀ ଶରତ କୁମାର ବେହେରାଙ୍କୁ ପଚାରିବାରୁ ତୁରନ୍ତ ପଦକ୍ଷେପ ନେଇ ଧାନ ଖାଲି କରାଇବେ ବୋଲି କହିଛନ୍ତି।

## ୩କାଠ ଚୋରଙ୍କୁ ୩ବର୍ଷ ଜେଲ୍

**ବାରିପଦା ଅଫିସ,୩।୨**

ବାରିପଦା ଏସ୍‌ଡିଜେଏମ କୋର୍ଟରେ ଗୁରୁବାର ଏକ କାଠଚୋରି ମାମଲାର ପୁନଃ ବିଚାର ପରେ ଶୁଣାଣି ହୋଇଛି। ଜଜ ବିଶ୍ୱକଳ୍ପିତା ମହାନ୍ତି ଏହାର ବିଚାର କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଶୁଣାଇବା ସହ ପ୍ରତ୍ୟେକଙ୍କୁ ୫ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଅନାଦାୟ ଆଉ ଅଧିକ ୬ମାସ ଲେଖାଏଁ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଚୁଆପଦା ଗ୍ରାମର ରମେଶ ଚନ୍ଦ୍ର ମାଝୀ, ବାଲେଶ୍ୱର ସଦର ଥାନା ନିଜାମପୁର ଗ୍ରାମର ମହେଶ୍ୱର ସିଂ ଓ ପଦମପୁର ଗ୍ରାମର ନରହରି ବେହେରା। ୨୦୦୮ ମସିହା ଅକ୍ଟୋବର ୨ତାରିଖରେ ମିଳିତଭାବେ ବେତନଟୀ ରେଞ୍ଜ ସାନଖିରିପଦା ଜଙ୍ଗଲରୁ ଶାଳ ଓ ଆକାଶିଆ ଗଛ କାଟି ଚୋରା ଚାଲାଣ କରୁଥିବା ବେଳେ ବନବିଭାଗ ଦ୍ୱାରା ଗିରଫ ହୋଇଥିଲେ। ତାଙ୍କ ନାମରେ ମାମଲା ରୁଜୁ ପରେ କୋର୍ଟ ଚାଲାଣ କରାଯାଇଥିଲା।

# ଜିଲାପାଳଙ୍କ ଅଫିସ୍ ଘେରିଲେ ଯୁକ୍ତ୨ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ,୩।୨**

- ପରୀକ୍ଷା ବାତିଲ୍ ଦାବିରେ ରାସ୍ତାରୋକୋ
- ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବାଲେଶ୍ୱର ଜିଲାର ବିଭିନ୍ନ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀଛାତ୍ର ମହାମାରୀ କରୋନା ଯୋଗୁ ଯୁକ୍ତ୨ ଫାଇନାଲ୍ ପରୀକ୍ଷା ବାତିଲ୍ କରିବା ପାଇଁ ଦାବି କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ ୟୁନିଅନ୍ ଜିଲା ଶାଖା ନେତୃତ୍ୱରେ ସହରର ଓଟିରୋଡ୍‌ର ଷ୍ଟେଶନ ଛକ ନିକଟରେ ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ୨ ଘଣ୍ଟା ପରେ ସେମାନେ ସେଠାରୁ ଆସି ଜିଲାପାଳ ଅଫିସ୍ ଘେରାଉ କରି ବିଭିନ୍ନ ନାରାବାଜି ଦେଇ ପରୀକ୍ଷା ବାତିଲ୍ କରିବା ପାଇଁ ଦାବି କରିଥିଲେ। ପରେ ଏକ ପ୍ରତିନିଧି ଦଳ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ କରି ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଛାତ୍ରୀଛାତ୍ରଙ୍କ ଦାବି ଅନୁସାରେ ଅଫଲାଇନ୍‌ରେ ନିର୍ଦ୍ଧାରିତ ସିଲାବସ୍ ଶେଷ ହୋଇନି, ଅନଲାଇନ୍ ସିଲାବସ୍ ଶେଷ ହୋଇଥିବା ବେଳେ କ୍ଲାସ୍‌ର ଭିଡିଓ ଓ ଅଡିଓର କ୍ୱାଲିଟି ନାହିଁ, ବିଳମ୍ବରେ କଲେଜ ଖୋଲିଥିଲେ ମଧ୍ୟ ଓମିକ୍ରନ୍ ଭୟରେ ପୁଣି କଲେଜ ବନ୍ଦ ହେବା ଭଳି ସମସ୍ୟା ସୃଷ୍ଟି ହୋଇଛି। ଏବେ କରୋନା ଓ ଓମିକ୍ରନ୍‌ର ପ୍ରାଦୁର୍ଭାବ ଜିଲାରେ ରହିଥିବା ବେଳେ ଅଫଲାଇନ୍ ପରୀକ୍ଷା କରାଗଲେ ସ୍ୱାସ୍ଥ୍ୟଗତ ଦୃଷ୍ଟିକୋଣରୁ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଛି। ଅଫଲାଇନ୍ ଓ ଅନଲାଇନ୍ ପରୀକ୍ଷା ବନ୍ଦ କରି କ୍ଲାସରେ ହୋଇଥିବା ତ୍ରୟୋମାସିକ ପରୀକ୍ଷାର ଫଳାଫଳ ଆଧାରରେ ଛାତ୍ରୀଛାତ୍ରଙ୍କୁ ଉତ୍ତୀର୍ଣ୍ଣ କରିବାକୁ ଛାତ୍ରୀଛାତ୍ର ପ୍ରସ୍ତାବ ରଖିଛନ୍ତି। ଏଥିରେ ଯେଉଁ ଛାତ୍ରୀଛାତ୍ର ଅସନ୍ତୁଷ୍ଟ ହେବେ ସେମାନଙ୍କ ପାଇଁ ପୁନଃ ପରୀକ୍ଷା ବ୍ୟବସ୍ଥା ରଖିବା ପାଇଁ ଦାବି ହୋଇଛି। ଚିନ୍ମୟ ପାଢ଼ୀ, ଡଲି ମହନ୍ତ, ମୋନାଲିସା ରଣା, ଦେବ ଆର୍ଯ୍ୟନ୍, ଅର୍ପିତ କୁମାର ପତି, ସୁମଙ୍ଗଳ ପଣ୍ଡା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ୍ ଥିଲେ।


ଘେରାଉ କାର୍ଯ୍ୟକ୍ରମରେ ସାମିଲ ଛାତ୍ରୀଛାତ୍ର ଓ ଜିଲାପାଳଙ୍କ ସହ ଛାତ୍ର ପ୍ରତିନିଧି ଦଳର ଆଲୋଚନା।

# ଚନ୍ଦନ ଗଛ ଚୋରି



**ଆନନ୍ଦପୁର,୩।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳରେ ଥିବା ଦୁଇ ଦେବୀ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ୩ ଚନ୍ଦନ ଗଛ ଚୋରି ହୋଇଛି। ଲୁଟେରାମାନେ ଚତୁରତାର ସହିତ ଚନ୍ଦନ ଗଛର ଗଣ୍ଡିକୁ କାଟି ନେଇ ଡାଳପତ୍ର ଭିନ୍ନ ଭିନ୍ନ ସ୍ଥାନରେ ପକାଇ ଫେରାର ହୋଇଛନ୍ତି। ଏଭଳି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ପୌରପରିଷଦ ଫକୀରପୁର ୯ ନଂ ଓାର୍ଡ ଦେହୁରୀ ସାହିସ୍ଥିତ ମା' ଥାନପତିଙ୍କ ମନ୍ଦିର ପରିସରରୁ ବୁଧବାର ବିଳମ୍ବିତ ରାତିରେ ଦୁଇ ଗୋଟି ଚନ୍ଦନ ଗଛ ଲୁଟ ହୋଇଥିବାବେଳେ ଲୁଟ ସମ୍ପର୍କରେ ସୂଚନା ପାଇ ମା'ଥାନପତି ମନ୍ଦିରର କର୍ମକର୍ତ୍ତା ରବୀନ୍ଦ୍ର ଦଳେଇ, ଅର୍ଜ୍ଜୁନ ଦଳେଇ, ବାବୁଲା ସାମଲ ପ୍ରମୁଖଙ୍କ ନେତୃତ୍ୱରେ ସାହି ବାସୀନ୍ଦା ଆନନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେହିଭଳି ଆନନ୍ଦପୁରର ଶିଆଡିମାଳି ମା ଧନେଇ ପୀଠରେ ଲୁଟେରାମାନେ ଗୋଟିଏ ଚନ୍ଦନ ଗଛ କାଟି ନେଇଥିବା ଜଣାପଡିଛି।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ

**ଧାମନଗର, ୩।୨ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକଠାରେ ଚାଲିଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିନରେ ଅଧିବାସ, ଅଙ୍କୁରାରୋପଣ, ଗର୍ଭାଧାନ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସ ତଥା ବୁଧବାର ପ୍ରତ୍ୟୁଷରୁ ୫୬ କଳସ ଶୋଭାଯାତ୍ରାରେ ସ୍ଥାନୀୟ ବୈତରଣୀ ନଦୀର ସିଦ୍ଧେଶ୍ୱର ଘାଟରୁ ଜଳ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନା କରାଯାଇଥିଲା। ଏହାପରେ ମଣ୍ଡପ ଶୋଧନ, ଦେବତା ସ୍ନାନ, ଶିଖର ସ୍ଥାପନ, ଦେବତା ଶୟନ ଓ ପ୍ରାଣ ପ୍ରତିଷ୍ଠା ହୋଇ ହୋମ ଯଜ୍ଞ ହୋଇଥିଲା। ଗୁରୁବାର ଅନ୍ତିମ ଦିବସରେ ବିଭିନ୍ନ ପୂଜା ପରେ ହନୁମାନଙ୍କ ପ୍ରାଣ ପ୍ରତିଷ୍ଠା କରି ସିଂହାସନ ବିଜେ କରାଯାଇଥିଲା। ଅଧରପଣା ଲାଗି କରାଯାଇ ସନ୍ଧ୍ୟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। କର୍ତ୍ତାକର୍ତ୍ତା ଭାବେ ଉମାରାଣୀ ସାହୁ ଓ ବାବାଜି ଚରଣ ସାହୁ କାର୍ଯ୍ୟ ସମ୍ପାଦନା କରିଥିଲେ। ମୁଖ୍ୟ ପୁରୋଧା କାଳନ୍ଦୀ ମିଶ୍ର, ସହଯୋଗୀ ସୂର୍ଯ୍ୟମଣି ଦୀକ୍ଷିତ, ସନ୍ତୋଷ ଦାଶ, ଆନନ୍ଦ ଚନ୍ଦ୍ର ମିଶ୍ର, ଚିନ୍ମୟ ମିଶ୍ର, ସୌରଭ ଦାଶ ଓ ଦୈତାରି ଦାଶ ପୂଜା କାର୍ଯ୍ୟ ତୁଲାଇଥିଲେ।



## ଟ୍ରେନିଂ ସ୍କୁଲ ପରିସରରୁ କାଟିନେଲେ ଚନ୍ଦନ ଗଛ

**କେନ୍ଦୁଝର, ୩।୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଚମ୍ପୁଆ ସ୍ଥିତ ନିକଲସନ ଫରେଷ୍ଟ ଟ୍ରେନିଂ ସ୍କୁଲ ପରିସରରୁ ଗତ ୨୮ ତାରିଖ ଦିନ ୧୧ ମୂଲ୍ୟବାନ ଚନ୍ଦନ ଗଛକୁ ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ତେବେ ଏ ନେଇ କୌଣସି ରିପୋର୍ଟ ଥାନାରେ ଦିଆଯାଇ ନାହିଁ। ଫଳରେ ଏହାକୁ ନେଇ ସ୍ଥାନୀୟ ଲୋକେ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏହି ଚନ୍ଦନ ଗଛର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି କୁହାଯାଉଛି। ଏଣୁ ନିୟମାନୁଯାୟୀ ଚନ୍ଦନ ଗଛ ଚୋରି ହେଲେ ସ୍ଥାନୀୟ ପୋଲିସ ଷ୍ଟେଶନ ଓ ବନ ବିଭାଗ କୁ ସୂଚନା ଦେବା ଜରୁରୀ। ଉକ୍ତ କଟା ଗଛକୁ ଉପାଡ଼ି ପ୍ରମାଣ ନଷ୍ଟ କରାଯାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଉକ୍ତ ସ୍କୁଲ ଆଖପାଖ ଅଞ୍ଚଳରେ ବହୁ ସଂଖ୍ୟାରେ ଚନ୍ଦନ ଗଛ ରହିଛି। ଏଣୁ ଏନେଇ ତୁରନ୍ତ ପଦକ୍ଷେପ ନେବା ସହ ସେସବୁର ସୁରକ୍ଷା କରିବାକୁ ଦାବି ହେଉଛି। ଏସମ୍ପର୍କରେ କେନ୍ଦୁଝର ଡିଏଫଓ ଧନରାଜ ଏଚ୍.ଡିଙ୍କୁ ପଚାରିବାରୁ ତାଙ୍କ ପାଖରେ ଏନେଇ କୌଣସି ସୂଚନା ନାହିଁ। ବୁଝିକି ଜଣାଇବେ ବୋଲି କହିଛନ୍ତି।

# ଜଳେଶ୍ୱରରେ ଉତ୍ତରପ୍ରଦେଶ ପୋଲିସ

**ଜଳେଶ୍ୱର,୩।୨(ଡି.ଏନ.ଏ.)**

- କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାର ତଦନ୍ତ
- ଅଭିଯୁକ୍ତଙ୍କୁ ନ ପାଇ ଲଟକା ଜାରି କଲା

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଧୀନ ଶାନ୍ତିଆ ଗାଁର ଜନୈକ ଯୁବକ ଉତ୍ତର ପ୍ରଦେଶର ବସ୍ତି ଜିଲା ଅନ୍ତର୍ଗତ ୱାଟରଗଞ୍ଜ ଥାନା ଅଞ୍ଚଳରେ ଅଫିସ୍ ଖୋଲି ପାସ୍‌ପୋର୍ଟ, ଭିସା ଇତ୍ୟାଦି ଯୋଗାଇଦେବା ଆଳରେ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ନେଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଫେରାର ଥିବାବେଳେ ଗୁରୁବାର ଉତ୍ତର ପ୍ରଦେଶ ପୋଲିସ୍ ତାଙ୍କ ଘରେ ପହଞ୍ଚି ଲଟ୍‌କା ଲଗାଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶାନ୍ତିଆ ଗାଁର ଅରୁଣ କୁମାର ମହାନ୍ତି ଉତ୍ତର ପ୍ରଦେଶରେ ଏକ ଅଫିସ ଖୋଲି ଲୋକଙ୍କୁ ଭିସା, ପାସ୍‌ପୋର୍ଟ ଯୋଗାଇ ଆସୁଥିଲେ। ଏଥିଲାଗି ସେ ମୋଟା ଅଙ୍କର ଅର୍ଥ ନେଉଥିବା ବେଳେ ବହୁ ଲୋକଙ୍କଠାରୁ ଅର୍ଥ ନେଇ ଭିସା କିମ୍ବା ପାସ୍‌ପୋର୍ଟ ଦେଉ ନ ଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବାରୁ ସେଠାକାର ଥାନାରେ ତାଙ୍କ ନାମରେ ଏକ ମାମଲା(ନଂ.୨୭୫/୨୦) ରୁଜୁ ହୋଇଥିଲା। କରୋନା ଲକ୍‌ଡାଉନ୍ ସମୟରେ ସେ ଜଳେଶ୍ୱର ଫେରି ଆଉ ଉତ୍ତର ପ୍ରଦେଶ ଯାଇ ନ ଥିବା ପୋଲିସ କହିଛି। ବସ୍ତି ଜିଲା ଦୌରାଜଜ୍ ଏଥିନିମନ୍ତେ ପୋଲିସ୍‌କୁ ନିର୍ଦ୍ଦେଶ ଦେଇଥିବା ବେଳେ ସବ୍‌ଇନ୍ସପେକ୍ଟର ସୁବାସ ମୌର୍ଯ୍ୟ ଓ କନଷ୍ଟେବଲ ଅନିଲ କୁମାର ଅଭିଯୁକ୍ତଙ୍କୁ ଧରିବାଲାଗି ଜଳେଶ୍ୱର ଆସିଥିଲେ। ବୁଧବାର ରାତିରେ ଉତ୍ତରପ୍ରଦେଶ ପୋଲିସ ଜଳେଶ୍ୱର ଥାନାକୁ ଆସି ଶାନ୍ତିଆଗାଁର ନିର୍ଦ୍ଦିଷ୍ଟ ଘରେ ପହଞ୍ଚିଥିବା ବେଳେ ଅଭିଯୁକ୍ତଙ୍କୁ ନ ପାଇ ତାଙ୍କ ଘରେ ଲଟ୍‌କା ଲଗାଇଥିବା ଆଲୋଚ୍ୟର ବିଷୟ ହୋଇଛି।



ଉତ୍ତର ପ୍ରଦେଶ ପୋଲିସ ଅଭିଯୁକ୍ତଙ୍କ ଘରେ ଲଟ୍‌କା ଲଗାଉଛନ୍ତି।

## ଆଖଣ୍ଡଳେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଖଇରା,୩।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରାବଜାରସ୍ଥିତ ଆଖଣ୍ଡଳେଶ୍ୱର ମନ୍ଦିର ପୁନର୍ନିର୍ମାଣ ଓ ଶିବ ପରିବାର ବିଗ୍ରହ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମିହିର କୁମାର ପାଣି, ପଦ୍ମଲୋଚନ ଧର, କେଶବ ଚରଣ ସାହୁ, ନନ୍ଦ କୁମାର ପାଣି, ଶତ୍ରୁଘ୍ନ ରାଉତ,ବୀରେନ୍ଦ୍ର ସ୍ୱାଇଁ, ଯୋଗେଶ ଶତପଥୀ, ପଦ୍ମଲୋଚନ ମହାପାତ୍ର, ଜଗତ ମହାନ୍ତି, ପୀତାମ୍ବର ନାୟକ ପ୍ରମୁଖଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ମୁଖ୍ୟ ପୂଜକ କୃଷ୍ଣଚନ୍ଦ୍ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶଶାଙ୍କ ଶେଖର ପତ୍ରୀ, ନୃସିଂହ ପାଣି, ଅନାମାନନ୍ଦ ଦାଶ, ବେଣୁଧର ପଣ୍ଡା, ନନ୍ଦ କୁମାର ପାଣି, ଜନାର୍ଦ୍ଦନ ପଣ୍ଡାଙ୍କ ସମେତ ୧୭ଜଣ ବ୍ରାହ୍ମଣଙ୍କ ଦ୍ୱାରା ମଙ୍ଗଳବାର ଓ ବୁଧବାର ୨ଦିନ ଧରି ବିଗ୍ରହ ସ୍ଥାପନ ଓ ଯଜ୍ଞାଦି କର୍ମ ଅନୁଷ୍ଠିତ ହୋଇଥିଲା। ଗୁରୁବାର ଯଜ୍ଞର ପୂର୍ଣ୍ଣାହୁତି କରାଯିବାସହ ବିଗ୍ରହମାନଙ୍କର ଅଭିଷେକ କରାଯାଇଛି। ଖଇରା ଥାନା ଆଇଆଇସି ଗଣେଶ୍ୱର ପ୍ରଧାନ, ରାଧାକାନ୍ତ ପାତ୍ର, କରୁଣାକର ମହାନ୍ତି, କମଳାକାନ୍ତ ନାୟକ, ରମାକାନ୍ତ ସାହୁ, ରଘୁନାଥ ପାତ୍ର, ସନ୍ତୋଷ ଶତପଥୀ ତଥା ସ୍ଥାନୀୟ ଗ୍ରାମବାସୀ ପ୍ରତିଷ୍ଠା କର୍ମ ପରିଚାଳନାରେ ସହଯୋଗ କରିଥିଲେ।

# ପରୀକ୍ଷା ବାତିଲ ଦାବିରେ ବିକ୍ଷୋଭ

**କେନ୍ଦୁଝର/ବାରିପଦା ଅଫିସ/ଭଦ୍ରକ ଅଫିସ, ୩।୨(ସ୍ୱ.ପ୍ର./ଡି.ଏନ.ଏ.)**

ଯୁକ୍ତ ୨ ପରୀକ୍ଷା ବାତିଲ ଦାବିରେ କେନ୍ଦୁଝର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ବିଭିନ୍ନ କଲେଜ ଛାତ୍ରୀଛାତ୍ର ଗୁରୁବାର ରାଜରାସ୍ତାକୁ ଓହ୍ଲାଇଛନ୍ତି। ଅଲ୍ ଓଡ଼ିଶା ଷ୍ଟୁଡେଣ୍ଟ ୟୁନିୟନର କେନ୍ଦୁଝର ଶାଖା ପକ୍ଷରୁ ଛାତ୍ରୀଛାତ୍ର ସ୍ଥାନୀୟ ଗାନ୍ଧୀ ଛକରେ ରାସ୍ତା ଅବରୋଧ କରି ଧାରଣାର ବସିଛନ୍ତି। ଫଳରେ ରାସ୍ତାରେ ଯାତାୟାତ ବ୍ୟାହତ ହୋଇଛି। ଏଥିରେ ଜିଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ମାନେ ସାମିଲ ହୋଇଛନ୍ତି। ମୟୂରଭଞ୍ଜ ଜିଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏ ସଂକ୍ରାନ୍ତରେ ପୁନର୍ବାର ଏକ ଦାବିପତ୍ର ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରାଯାଇଛି। ସେହିପରି କପ୍ତିପଦା ଉପଖଣ୍ଡରେ ଥିବା ଉଦଳା, କପ୍ତିପଦା, ନୁଦଡିହା ଆଦି ଅନେକ କଲେଜର ଛାତ୍ରୀଛାତ୍ର ବଜାର ମୁଖ୍ୟରାସ୍ତାରେ ବିକ୍ଷୋଭ କରିଥିଲେ।

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସମେତ ବିଭିନ୍ନ କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଆସି ବନ୍ତ ଛକ ପୋଲ ତଳେ, ୧୬ ନଂ. ଜାତୀୟ ରାଜପଥ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ପ୍ରାୟ ୧ ଘଣ୍ଟା ଧରି ସହରରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ତୁରନ୍ତ ଅଫ୍‌ଲାଇନ ପରୀକ୍ଷା ହେବାର ନିଷ୍ପତ୍ତିକୁ ବାତିଲ କରାଯିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଶେଷରେ ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଏକ ଦାବିପତ୍ର ପ୍ରଦାନ କରି ସେମାନେ ଧାରଣା ପ୍ରତ୍ୟାହୃତ କରିଥିଲେ।

# ପାହାଡ଼ି ପୂଜାରେ ୨୦ ହଜାର ଶ୍ରଦ୍ଧାଳୁ

**ବାଙ୍ଗିରିପୋଷି,୩।୨(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକର ଭୂଆଶୁଣୀ, ବୁଢିଖମାରୀ ଓ ବଡଗାଁ ପଞ୍ଚାୟତର ତ୍ରିପାର୍ଶ୍ୱ ମଝିରେ ଏକ ସୁଉଚ୍ଚ ପାହାଡ ଅଛି। ଆଦିବାସୀଙ୍କ ଆରାଧ୍ୟ ଦେବୀ ମା'ସାତପୁଟୁଳି ଠାକୁରାଣୀଙ୍କ ବାର୍ଷିକ ପାହାଡି ପୂଜା ଧୁମ୍‌ଧାମ୍‌ରେ ପାଳିତ ହୋଇ ଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଘ ମାସର ତୃତୀୟ ଗୁରୁବାର ଏହି ପୂଜା କରାଯାଇଛି। ଉକ୍ତ ପାହାଡ ଉପରେ ଅନୁଷ୍ଠିତ ଏହି ପାରମ୍ପରିକ ପୂଜାରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଛି।

ଜନଶ୍ରୁତିରୁ ଜଣାପଡେ ଯେ, ୫ ଶହ ବର୍ଷ ପୂର୍ବେ ଜଣେ ଖଡିଆ ଜନଜାତି ସମ୍ପ୍ରଦାୟର ଲୋକ ଦେବୀଙ୍କୁ ପୂଜା କରୁଥିଲା ପରବର୍ତ୍ତୀ ସମୟରେ ସେ ନିବଂଶ ହେବାରୁ ବହୁବର୍ଷ ଧରି ଦେବୀ ଅପୂଜ୍ୟ ରହିଥିଲେ। ଶତାଧିକ ବର୍ଷ ପୂର୍ବେ ଚାକଦର ସନ୍ନିକଟ ଏକ ପାହାଡରୁ ଧୂଆଁ ନିର୍ଗତ ହେଲା। ଏହି ଗ୍ରାମର ପୁରୁଷୋତ୍ତମ ନାଏକଙ୍କୁ ସପ୍ନାଦେଶ କ୍ରମେ ଏହି ପୂଜା ଆରମ୍ଭ ହୋଇଥିଲା। ତତ୍କାଳୀନ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଏଥି ନିମନ୍ତେ ସାଢେ ନଅ ମାଣ ନିଷ୍କର ଜମିଦାନ କରିଥିଲେ। ପରେ ପୁରଷୋତ୍ତମଙ୍କ ପୁଅ ପଞ୍ଚୁ ନାଏକ ତାଙ୍କ ପୁତ୍ର ଲକ୍ଷ୍ମଣ ବର୍ତ୍ତମାନ ପୂଜା କରୁଛନ୍ତି। ପ୍ରବଳ ଜନସମାଗମ ମଧ୍ୟରେ ସରିଲା ଦିନିକିଆ ମା' ସାତପୁଟୁଳି ପାହାଡ଼ ପୂଜା। ପ୍ରତ୍ୟେକ ବର୍ଷ ସ୍ଥାନୀୟ ଅଧିବାସୀଙ୍କ ସହ ପଡୋଶୀ ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୁଏ। ପାହାଡ ପୂଜା ନାମରେ ନାମିତ ଉକ୍ତ ସ୍ଥାନରେ ପୂଜାର୍ଚ୍ଚନା କରିବା ପାଇଁ ଭକ୍ତ ମାନେ ପାହାଡର ଅଙ୍କା ବଙ୍କା ପଥୁରିଆ ରାସ୍ତା ଉପରେ ଚଢି ଅଗ୍ରଭାଗକୁ ପହଞ୍ଚିଥାନ୍ତି।


ମା' ସାତପୁଟୁଳି ଠାକୁରାଣୀଙ୍କ ବାର୍ଷିକ ପାହାଡ଼ି ପୂଜାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

**୪୪ ଉତ୍ତେଜନା, ୩୪ ଅତି ଉତ୍ତେଜନା ପ୍ରବଣ ବୁଥ୍**

କୁଆମରା, (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକର ପ୍ରଥମ ପର୍ଯ୍ୟାୟ ୧୬ ତାରିଖରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ମୋଟ ୧୭୧ଟି ମତଦାନ କେନ୍ଦ୍ର ରହିଛି। ତେବେ ଉକ୍ତ ମତଦାନ କେନ୍ଦ୍ର ମଧ୍ୟରୁ ୪୪ଟି ଉତ୍ତେଜନା ଓ ୩୪ ଟି ଅତି ଉତ୍ତେଜନା ପ୍ରବଣ ବୁଥ ଭାବେ ଚିହ୍ନଟ ହୋଇଥିବା ଜିପିଓ ପଞ୍ଚାନନ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଚିହ୍ନଟ ହୋଇଥିବା ଉତ୍ତେଜନା ଓ ଅତି ଉତ୍ତେଜନା ବୁଥ ଗୁଡିକରେ କଡ଼ାକଡ଼ି ବ୍ୟବସ୍ଥା କରାଯିବ ବୋଲି ବିଡିଓ କହିଛନ୍ତି।

## ସଂକ୍ଷେପରେ

### ହୋର୍ଡିଂ ଉପରେ ମାନସିକ ବିକୃତ ମହିଳା

**ଉଦ୍ଧାର କରିବାକୁ ନାକେଦମ୍ ହେଲା ଅଗ୍ନିଶମ ବିଭାଗ**

ସଜନାଗଡ଼,୩।୨(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ମେଡିକାଲ ଛକଠାରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୋର୍ଡିଂ ଉପରକୁ ଗୁରୁବାର ଅପରାହ୍ନ ୧ଟା ସମୟରେ ଜଣେ ମାନସିକ ବିକୃତ ମହିଳା ଚଢ଼ିଯାଇଥିଲେ। ସେଠାରୁ ସେ ତଳକୁ ଓହ୍ଲାଇ ପାରି ନ ଥିବା ବେଳେ ତାଙ୍କୁ ଦେଖିବାକୁ ମେଡିକାଲ ଛକ ଲୋକାରଣ୍ୟ ହୋଇ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଅଗ୍ନିଶମ କର୍ମଚାରୀ ଘଣ୍ଟାଏ କାଳ ନାକେଦମ୍ ହେବା ପରେ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ।

### ଭାଜପା କର୍ମୀ ସମାବେଶ

ବାଲିଆପାଳ,୩।୨(ସ୍ୱ.ପ୍ର): ବାଲିଆପାଳ ଭାଜପା ପକ୍ଷରୁ ଗୁରୁବାର ଏକ କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ୨୧ନଂ. ଜିଲା ପରିଷଦ ଜୋନ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ମୃତ୍ୟୁଞ୍ଜୟ ସାହୁଙ୍କ ସଭାପତିତ୍ୱରେ ତାଙ୍କ ବାସଭବନରେ ଏହି କର୍ମୀ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ଅସ୍ତି, ଘଣ୍ଟୁଆ, ନିଖିରା, କୁମ୍ଭାରୀ, ଶ୍ରୀରାମପୁର, ଦେଭୋଗ, ବଳରାମପୁର ଓ ବାଲିକୁଟି ଆଦି ୮ ପଞ୍ଚାୟତର ଶତାଧିକ ଭାଜପା କର୍ମୀ ଯୋଗଦେଇଥିଲେ। ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଯୋଗଦେଇ କର୍ମୀମାନଙ୍କୁ ନିର୍ବାଚନର ଗୁରୁମନ୍ତ୍ର ଦେଇଥିଲେ। ଜିଲା ଓବିସି ମୋର୍ଚ୍ଚା ସଭାପତି ଅରବିନ୍ଦ ବେହେରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ, ବିକାଶ ଗିରି, ଗୌରବ ଅଣ୍ଡିଆ, ବାଲିଆପାଳ ମଣ୍ଡଳ ସଭାପତି ମୁରଲୀଧର ସାହୁ, ବିସ୍ତାରକ ବୀରେନ୍ଦ୍ର ସେନାପତି, ଜିଲା ପରିଷଦ ପ୍ରାର୍ଥିନୀ ଝରଣା ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋପାଳ ସାହୁ, ସଞ୍ଜୟ ପରିଡା, ହେମନ୍ତ ସାହୁ, ଦିଲୀପ ପାତ୍ର, ଗଣେଶ ମାଣିକ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡିରେ ମିଶିଲେ ଅନ୍ୟ ଦଳର କର୍ମୀ

ବାଲେଶ୍ୱର ଅଫିସ,୩।୨: ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାର୍ଥା ପଞ୍ଚାୟତର ମେଘା ଗାଁ ବଙ୍ଗାଳି ସାହିରେ ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ସେ ଘରକୁ ଘର ବୁଲି ୨୯ନଂ. ଜୋନ ଜିଲା ପରିଷଦ ପ୍ରାର୍ଥୀ ନାରାୟଣ ପ୍ରଧାନ, ସରପଞ୍ଚ ପ୍ରାର୍ଥୀ ଧନଞ୍ଜୟ ପାତ୍ର, ସମିତି ସଭ୍ୟ ପ୍ରାର୍ଥୀ ମନୋରଞ୍ଜନ ଦଳାଇ ଏବଂ ୱାର୍ଡ଼ ମେମ୍ବରଙ୍କ ପାଇଁ ମାରାଥନ ପ୍ରଚାର କରିଥିଲେ। ଏହି ସମୟରେ ୱାର୍ଡନଂ. ୧୧ର ଗୋବିନ୍ଦ ମାଇତି, ଦୀନବନ୍ଧୁ ମଣ୍ଡଳ, ଚନ୍ଦନ ଧଡ଼ା, ରାମକୃଷ୍ଣ ମାଇତି, ଗୋପାଳ ମାଇତି, ଜୟଦେବ ମାଇତି, ତପନ ମାଇତି, ନିରଞ୍ଜନ ଗିରି, ଜଗନ୍ନାଥ ଗିରି, ସୁବଳ ଗିରି, ଗୌତମ ମାଇତି, ରତନ ଓଝା, ବଳରାମ ମାଇତି ପ୍ରମୁଖ ୧୫ରୁ ଊର୍ଦ୍ଧ୍ୱ ଆଗଧାଡିର ନେତୃତ୍ୱ ଅନ୍ୟ ଦଳ ଛାଡ଼ି ବିଜେଡି ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ସଭାପତି ସଂଗ୍ରାମ ମଲ୍ଲିକ, ସଞ୍ଜୀବ ମଲ୍ଲିକ, ପ୍ରଫୁଲ୍ଲ ଜେନା, ଶମ୍ଭୁ ମାନ୍ନା, ବଂଶୀଧର ଦିଣ୍ଡା, ଯୁବ ନେତା ଶକ୍ତିପଦ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ସମ୍ମୁଖରେ ଭାଜପାର ସତ୍ୟାଗ୍ରହ

ଭଦ୍ରକ ଅଫିସ/ବାସୁଦେବପୁର/ ଭଣ୍ଡାରିପୋଖରୀ /ଧାମନଗର, ୩।୨ (ଡି.ଏନ.ଏ)

ପଞ୍ଚାୟତ ନିର୍ବାଚନ ପୂର୍ବରୁ ଭଦ୍ରକ ଜିଲା ସାବରଙ୍ଗ ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ଇଞ୍ଜିନିୟରିଂ ଛାତ୍ର ପ୍ରୁବାଶିଷ ଗିରିଙ୍କୁ ହତ୍ୟା ପ୍ରତିବାଦରେ ଗୁରୁବାର ଭାଜପା ପକ୍ଷରୁ ଜିଲାର ସମସ୍ତ ଥାନା ଓ ଫାଣ୍ଡି ସମ୍ମୁଖରେ ସତ୍ୟାଗ୍ରହ କରାଯାଇଛି। ଭଦ୍ରକ ଟାଉନ ଓ ଗ୍ରାମାଞ୍ଚଳ ଥାନା ସମ୍ମୁଖରେ ଡ. ପ୍ରଦୀପ ନାୟକଙ୍କ ନେତୃତ୍ୱରେ ଭାଜପା ଜିଲା ଉପସଭାପତି ଶ୍ରୀହର୍ଷ ସ୍ୱାଇଁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାସ, ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ସାଧାରଣ ସମ୍ପାଦିକା ଲିପିକା ବାରିକ, ଆଇଟି ସେଲ୍ ଜିଲା କୋର୍ଡିନେଟର ଶଶାଙ୍କ ମିଶ୍ର ଓ ଜୟନ୍ତ ମହାପାତ୍ର ଏଥିରେ ଯୋଗ ଦେଇଥିଲେ। ସାବରଙ୍ଗ ଥାନା ସମ୍ମୁଖରେ କଳ୍ପନା ଜେନାଙ୍କ ନେତୃତ୍ୱରେ ସତ୍ୟାଗ୍ରହ କରାଯାଇଥିଲା।



ଭଦ୍ରକ ଟାଉନ ଥାନା ସମ୍ମୁଖରେ ସତ୍ୟାଗ୍ରହରେ ସାମିଲ ହୋଇଥିବା ଭାଜପା କର୍ମୀ।

ସେହିପରି ବାସୁଦେବପୁର ଥାନା ଆଗରେ ଜିଲା ଭାଜପା ଉପସଭାପତି ଉଦୟ ନାରାୟଣ ମଲିକ, ମଧୁସୂଦନ ପାଢ଼ୀ, ପୂର୍ବତନ କାଉନସିଲର ଭଗବାନ ମହାନ୍ତି, କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ ଏବଂ ଚୁଡ଼ାମଣି ସାମୁଦ୍ରିକ ଥାନା ଆଗରେ ବରିଷ୍ଠ ଭାଜପା ନେତା ମାଧବାନନ୍ଦ ମଲିକ, ପୂର୍ବତନ ସରପଞ୍ଚ ରମାକାନ୍ତ ସେଠୀ ପ୍ରମୁଖ ଧାରଣାରେ ବସିଥିଲେ। କଷିଆ ସାମୁଦ୍ରିକ ଓ ନାୟକାଣିଡିହୀ ଥାନା ଆଗରେ ମଧ ଭାଜପା କର୍ମୀମାନେ ଧାରଣା ଦେଇଥିଲେ।

ଭଣ୍ଡାରିପୋଖରୀ ଥାନା ସମ୍ମୁଖରେ ଦଳୀୟ ନେତା ବଦ୍ରି ନାରାୟଣ ଧଳଙ୍କ ନେତୃତ୍ୱରେ କର୍ମୀମାନେ ଦୁଇଘଣ୍ଟା ଧରି ଧାରଣାରେ ବସିଥିଲେ। ମଣ୍ଡଳ ସଭାପତି ଗିରିଶ ସାମଲ, ନିର୍ମଳ କର, ସତ୍ୟବ୍ରତ ଦାସ, ପ୍ରଦୀପ ସାହୁ, ରୁକ୍ମଣୀ ଦାସ, ବିଭୁପାଦ ସାହୁ, ମନୋଜ ମହାନ୍ତି, ମଦନ ସାହୁ, ସୁଶାନ୍ତ ମହାପାତ୍ର, ପ୍ରିୟତମା ଯେନା, ମିନାକ୍ଷୀ ଯେନା ପ୍ରମୁଖ ଏଥିରେ ସାମିଲ ଥିଲେ। ଧାମନଗର ଥାନା ସମ୍ମୁଖରେ ଜିଲା ପରିଷଦ ସଦସ୍ୟ ମନୋରଞ୍ଜନ ମଲ୍ଲିକଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ଧାରଣାରେ ବସିରହି ବିଜେଡି କର୍ମୀଙ୍କ ଗୁଣ୍ଡାରାଜ ବିରୋଧରେ ନାରାବାଜି କରିଥିଲେ। ଜିଲା ପରିଷଦ ପ୍ରାର୍ଥୀ ରଞ୍ଜିତା ସ୍ୱାଇଁ, ଅରବିନ୍ଦ ପତି, ପୁଷ୍ପାଞ୍ଜଳି ବେହେରା, ବିରେନ୍ଦ୍ର ଜେନା, ବିରେନ୍ଦ୍ର ବାରିକ, ରମେଶ ଚନ୍ଦ୍ର ପତି, ସୁରଥ ସେଠୀ, କ୍ଷେତ୍ରବାସୀ ବାରିକ, ଶ୍ରୀଧର ବେହେରା, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

**ଇଞ୍ଜିନିୟରିଂ ଛାତ୍ରଙ୍କୁ ହତ୍ୟା ଘଟଣା**

## ପ୍ରଶିକ୍ଷଣ ନେଲେ ପ୍ରାର୍ଥୀ

ବାରିପଦା ଅଫିସ,୩।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ମୟୂରଭଞ୍ଜ ଜିଲାରେ ପ୍ରାର୍ଥୀ ହୋଇଥିବା ନିର୍ବାଚନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲାର ୪ଟି ଉପଖଣ୍ଡ ଓ ୨୬ଟି ବ୍ଲକରେ ଥିବା ଜିଲାପରିଷଦ ପ୍ରାର୍ଥୀମାନଙ୍କୁ ବାରିପଦା ଜିଲାପାଳଙ୍କ ଫେସିଲିଟେସନ କକ୍ଷ, ରାଇରଙ୍ଗପୁର, ଉଦଳା ଓ କରଞ୍ଜିଆର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ସେହିପରି ପ୍ରତି ବ୍ଲକ କାର୍ଯ୍ୟାଳୟରେ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ଼ ସଭ୍ୟ ମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନର ମୁକ୍ତ ଓ ଅବାଧ ନିର୍ବାଚନ ପ୍ରକ୍ରିୟା ଉପରେ କରିଥିବା ଗୁରୁତ୍ୱାରୋପ କରିବା ସହ କୋଭିଡ୍ କଟକଣା, ପ୍ରଚାର ଗାଡ଼ି, ଅର୍ଥ ବ୍ୟବହାର ନେଇ ପରିବର୍ତ୍ତିତ ନିୟମ ସମ୍ପର୍କରେ ପ୍ରାର୍ଥୀଙ୍କୁ ଅବଗତ କରାଯାଇଥିଲା। ନିର୍ବାଚନ ପରେ ଖର୍ଚ୍ଚର ହିସାବକୁ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଜିଲା ପରିଷଦ ପ୍ରାର୍ଥୀ ମାନେ ବିଭିନ୍ନ ଦଳୀୟ ଚିହ୍ନରେ ଲଢୁଥିବାରୁ ଧାର୍ଯ୍ୟ ଖର୍ଚ୍ଚରୁ ଅଧିକ ନ କରିବା, ଆଚରଣ ବିଧି ଉଲ୍ଲଘନ ନ କରିବା, ବ୍ୟାନର ଓ ପୋଷ୍ଟର ଛପାଇବା ଠାରୁ ପ୍ରଦର୍ଶନ ସୀମା ଉଲଂଘନ ନ କରିବାକୁ ପ୍ରାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ସମସ୍ତ ଉପଜିଲାପାଳ ଓ ବିଡିଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

ଖଇରା,୩।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପଞ୍ଚାୟତର ମହତୀପୁର ଛକ ନିକଟରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇ ଯାଇଛି। ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଏହି କାର୍ଯ୍ୟାଳୟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ପ୍ରାର୍ଥୀ ରାଜେଶ କୁମାର ରାଉତ, ଦଳ ସମର୍ଥିତ ସରପଞ୍ଚ ପ୍ରାର୍ଥୀନୀ ଉର୍ବଶୀ ରାଉଳ,ସମିତି ସଭ୍ୟା ପ୍ରାର୍ଥିନୀ ରିନାଲିସା ସେଠୀଙ୍କ ସମେତ ଭାଜପା କର୍ମୀ ପୂର୍ଣ୍ଣଚନ୍ଦ୍ର ଦାସ,ଦେବାଶିଷ ରାଉଳ, କମଳାକାନ୍ତ ରାଉଳ,ମଧୁସୁଦନ ସେଠୀ,ଶାନ୍ତନୁ ମହାପାତ୍ର,ମୃତ୍ୟୁଞ୍ଜୟ ପାତ୍ର, ବନମାଳୀ ଦାସ, ଗୌତମ ମୁଖୀ, ପଦ୍ମଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ହେଭିୱେଟଙ୍କ ମଧ୍ୟରେ କଡ଼ା ଟକ୍କର

**ଚର୍ଚ୍ଚାରେ କେନ୍ଦୁଝର ଜିଲା ପରିଷଦର ୬ ନଂ. ଜୋନ**

କେନ୍ଦୁଝର, ୩।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ୬ନଂ. ଜିଲା ପରିଷଦ ଜୋନ ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଏଠାରେ ବିଜେଡି ଓ ଭାଜପାର ହେବିୱେଟ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଉଭୟଙ୍କ ମଧ୍ୟରେ ଏଥର କଡ଼ା ଟକ୍କର ହେଉଥିବା ଦେଖିବାକୁ ମିଳିଛି। ୩୭ ଆସନ ବିଶିଷ୍ଟ କେନ୍ଦୁଝର ଜିଲା ପରିଷଦର ଅଧ୍ୟକ୍ଷ ପଦ ସାଧାରଣ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ୬ନଂ. ଜୋନ ସମେତ ଜିଲାର ୧୦ଟି ଜୋନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଏହି ଜୋନଗୁଡ଼ିକ ମଧ୍ୟରୁ ଜଣେ ଅଧ୍ୟକ୍ଷ ଆସନରେ ବସିବେ। ତେବେ ୬ନଂ. ଜୋନରୁ ନିର୍ବାଚିତ ହେବାକୁ ଥିବା ପ୍ରାର୍ଥୀ ଅଧ୍ୟକ୍ଷ ହେବା ନେଇ ଉଭୟ ଦଳ ପକ୍ଷରୁ ଅଘୋଷିତ ଘୋଷଣା କରାଯାଇଥିବା ଆଲୋଚନା ହେଉଛି। ଏଣୁ ଏହି ଜୋନରେ ବିଜେଡି ଓ ଭାଜପାର ଟାଣୁଆ ପ୍ରାର୍ଥୀ ନିର୍ବାଚନ ଲଢୁଥିବାରୁ ସମଗ୍ର ଜିଲାର ନଜର ଏହି ଜୋନ ଉପରେ ରହିଛି। ଏହି ଜୋନରେ ବିଜେଡି ପ୍ରାର୍ଥୀ ଆଶୀଷ ଚକ୍ରବର୍ତ୍ତୀ ଓ ଭାଜପା ଦଳର ଦିଲୀପ ପଣ୍ଡାଙ୍କ ମଧ୍ୟରେ ସିଧାସଳଖ ଲଢେଇ ହେବାକୁ ଯାଉଛି। ଏଣୁ ଉଭୟ ନିଜ ନିଜର ନିର୍ବାଚନୀ ରଣ କୌଶଳ ଆପଣାଇ ପ୍ରଚାରକୁ ଜୋରଦାର କରିଛନ୍ତି।

ଆଶୀଷ ହେଉଛନ୍ତି ବିଜେଡି ଦଳର ପୂର୍ବତନ ଜିଲା ସଭାପତି। ସେ ଛାତ୍ର ଜୀବନରୁ ରାଜନୀତିରେ ସକ୍ରିୟ ରହିବା ସହ ବିଭିନ୍ନ ସଂଗଠନ ଓ ସଂସ୍ଥା ସହିତ ଜଡିତ। ତାଙ୍କୁ ଶେଷ ସମୟରେ ଦଳୀୟ ଟିକଟ ମିଳିଥିବା ବେଳେ ବିଜେଡି ଦଳ ପାଇଁ ସମ୍ମାନ ଓ ସ୍ୱାଭିମାନର ପ୍ରଶ୍ନ ହୋଇଛି। ଜିଲାରେ ଦଳ ଯଦି ପରିଷଦ ଗଢ଼େ ତେବେ ସେ ଅଧ୍ୟକ୍ଷ ପଦ ପାଇଁ ପ୍ରମୁଖ ଦାବିଦାର ବୋଲି କୁହାଯାଉଛି। ତାଙ୍କ ପଛରେ ରାଜ୍ୟ ବିଜେଡିର ଟାଣୁଆ ନେତା ତଥା ଜିଲା ପ୍ରଭାରୀ ପ୍ରଣବ ପ୍ରକାଶ ଦାସ ଅଛନ୍ତି। ସେହିପରି ଲୋକଙ୍କ ପ୍ରତି ସର୍ବଦା ଉଦାର ମନୋଭାବ ଓ ସମାଜସେବାକୁ ଭାଜପା ପ୍ରାର୍ଥୀ ଦିଲୀପ ପଣ୍ଡାଙ୍କ ମୁଖ୍ୟ ରାଜନୈତିକ ଅସ୍ତ୍ର କରିଛନ୍ତି। ସେ ଭାଜପା ଜିଲା ସଂଗଠନରେ ଉପସଭାପତି ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହିଥିବା ବେଳେ ବିଭିନ୍ନ ସଂଗଠନ ଓ ସଂସ୍ଥା ସହିତ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡିତ। ତାଙ୍କ ପଛରେ ସଦର ବିଧାୟକ ତଥା ଭାଜପା ଦଳର ଏକ ମାତ୍ର ବିଧାୟକ ମୋହନ ମାଝୀଙ୍କ ସମର୍ଥନ ରହିଛି। ଦଳ ଯଦି ଭଲ ପ୍ରଦର୍ଶନ କରେ ଏବଂ ପରିଷଦ ଗଠନ କରେ ସେ ମଧ ଅଧ୍ୟକ୍ଷ ପାଇଁ ପ୍ରମୁଖ ଦାବିଦାର ଅଛନ୍ତି। ଏଣୁ ବିଜେଡିକୁ କଡା ଜବାବ ଦେବା ପାଇଁ ତାଙ୍କୁ ଜିତାଇବା ଲାଗି ଭାଜପା ପକ୍ଷରୁ ଜୋରଦାର ଉଦ୍ୟମ କରାଯାଉଛି।

# ଜିଲା ପରିଷଦ ପ୍ରାର୍ଥୀଙ୍କ ପ୍ରଚାର କଲେ ବିଧାୟକ



ନିର୍ବାଚନୀ ସଭାରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ।

ବାସୁଦେବପୁର, ୩।୨ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରରେ ପଞ୍ଚାୟତ ନିର୍ବାଚନ ପ୍ରଚାର ଜୋର୍ ଧରିବାରେ ଲାଗିଛି। ବିଭିନ୍ନ ପଞ୍ଚାୟତରେ ରାଜନୈତିକ ଦଳ ଓ ପ୍ରାର୍ଥୀମାନେ ନିଜର ସମର୍ଥକଙ୍କୁ ଧରି ପ୍ରଚାର ଚଳାଇଛନ୍ତି। ଗୁରୁବାର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ପ୍ରଚାର ମଙ୍ଗ ଧରିଛନ୍ତି। ୧୮ ନଂ. ଜୋନ୍‌ରୁ ଜିଲା ପରିଷଦ ପ୍ରାର୍ଥୀ ହୋଇଥିବା ବରିଷ୍ଠ ବିଜେଡି ନେତା ଜୟକୃଷ୍ଣ ନାୟକଙ୍କ ସପକ୍ଷରେ ପ୍ରଚାର ଆରମ୍ଭ କରିଛନ୍ତି। ଗୁଆଗଡ଼ିଆ ପଞ୍ଚାୟତର ବିଭିନ୍ନ ୱାର୍ଡରେ ପ୍ରଚାର କରିଛନ୍ତି ବିଧାୟକ ରାଉତରାୟ।

ଚିରୋଳର ତୁଳସାପଦାଠାରେ ଫକୀର ମଳିକଙ୍କ ସଭାପତିତ୍ୱରେ ଏକ ପଥପ୍ରାନ୍ତ ନିର୍ବାଚନ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ରାଉତରାୟ ଯୋଗଦେଇ ବିଜେଡି ରାଜ୍ୟରେ ଜନକଲ୍ୟାଣକାରୀ ଯୋଜନା ମାଧ୍ୟମରେ ଲୋକଙ୍କୁ ସୁଫଳ ପହଞ୍ଚାଉଥିବାରୁ ଏହି ଜୋନ୍‌ର ଜିଲା ପରିଷଦ ପ୍ରାର୍ଥୀ ଜୟକୃଷ୍ଣଙ୍କୁ ଭୋଟ୍ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏଥିସହ ଗୁଆଗଡ଼ିଆ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ହରେକୃଷ୍ଣ ସେଠୀ, ସମିତିସଭ୍ୟା ପ୍ରାର୍ଥୀ ବାସନ୍ତୀ ମଲିକ ଓ ୱାର୍ଡସଭ୍ୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ବିଧାୟକ ଭୋଟରଙ୍କୁ ନିବେଦନ କରିବା ସହ ଘର ଘର ବୁଲି ପ୍ରଚାର କରିଥିଲେ। ସଭାରେ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ଜୟକୃଷ୍ଣ, ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବରିପଦା ପଞ୍ଚାୟତରେ ପଥପ୍ରାନ୍ତ ସଭା



ପଥପ୍ରାନ୍ତ ସଭାରେ ବିଧାୟକ ପର୍ଶୁରାମ ଧଡ଼ା ଭୋଟ ପ୍ରଚାର କରୁଛନ୍ତି।

ବାହାନଗା,୩।୨(ଡି.ଏନ.ଏ.)

ତ୍ରିସ୍ତରୀୟ ନିର୍ବାଚନ ପାଖେଇ ଆସୁଥିବା ବେଳେ ଉଷ୍ମତା ବଢ଼ିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତରେ ସୋର ବିଧାୟକ ପର୍ଶୁରାମ ଧଡ଼ା ପ୍ରଚାର ଆରମ୍ଭ କରିଛନ୍ତି। ୨୦ନଂ.ଜୋନ ଜିଲାପରିଷଦ ପ୍ରାର୍ଥୀ ଶିଶିର ଅଗସ୍ତିଙ୍କ ଲାଗି ସେ ପ୍ରଚାର କରିଥିଲେ। ପଞ୍ଚାୟତରେ ହୋଇଥିବା ବ୍ୟାପକ ଦୁର୍ନୀତି ଓ ଅହଂକାରୀ ନେତାଙ୍କୁ ପଞ୍ଚାୟତବାସୀ ଭୋଟ ମାଧ୍ୟମରେ ଉଚିତ ଜବାବ ଦେବାକୁ ବିଧାୟକ ନିବେଦନ କରିଥିଲେ। ଏହି ପଞ୍ଚାୟତରେ ଦଳୀୟ ସମର୍ଥୀତ ସରପଞ୍ଚ ପ୍ରାର୍ଥୀ ଭାବେ ମହେଶ୍ୱର ମାଝୀ ଓ ସମିତି ସଭ୍ୟ ପ୍ରାର୍ଥୀଭାବେ ଚନ୍ଦନ ମଳିକ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଉଭୟଙ୍କ ସପକ୍ଷରେ ମଧ ବିଧାୟକ ଧଡ଼ା ପ୍ରଚାର କରିଥିଲେ। ବିଧାୟକ ଧଡ଼ାଙ୍କ ଦ୍ୱାରା ପଞ୍ଚାୟତର ୩ଟି ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇଥିଲା। ୧୬ଟି ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ମୋଟ ଭୋଟର ସଂଖ୍ୟା ୭୧୭୪। ସେମାନଙ୍କ ମଧ୍ୟରୁ ମହିଳା ଭୋଟର ୩୫୧୬ ଓ ପୁରୁଷ ଭୋଟର ୩୬୫୮ଜଣ। ଏଠାରେ ୪ଜଣ ସରପଞ୍ଚ ଓ ୪ଜଣ ସମିତି ସଭ୍ୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

# ନିର୍ବାଚନ ପାଇଁ ପ୍ରଚାର ଜୋରଦାର

ଯୋଡା,୩।୨(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକରେ ତ୍ରିସ୍ତରିୟ ପଞ୍ଚାୟତ ନିର୍ବାଚନ ପାଇଁ ବିଭିନ୍ନ ଦଳ ସମର୍ଥିତ ତଥା ସାଧୀନ ପ୍ରାର୍ଥୀ ମାନେ ନିଜ ନିଜର ପ୍ରଚାର ଆରମ୍ଭ କରିଦେଲେଣି। ଯୋଡ଼ା ବ୍ଲକ ଅନ୍ତର୍ଗତ ଜୁରୁଡି ଓ ଜଳହରୀ ପଞ୍ଚାୟତରେ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀ ଗୁରୁବାର ଠାରୁ ନିର୍ବାଚନ ପ୍ରଚାର କରିଛନ୍ତି। ଜଳହରୀ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ନରେନ୍ଦ୍ର ମୁଣ୍ଡା ନିର୍ବାଚନୀ ପ୍ରଚାର ଚଳାଇ ଥିବା ବେଳେ ଜୁରୁଡି ସରପଞ୍ଚ ପ୍ରାର୍ଥୀ ଶୁଭକାନ୍ତି ସଏ ଓ ସମିତି ସଭ୍ୟ ପ୍ରାର୍ଥୀ ରଜନୀ ପେଣ୍ଟେଇ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଗାଁ ଓ ବସ୍ତି ଅଞ୍ଚଳରେ ପ୍ରଚାର ଆରମ୍ଭ କରିଛନ୍ତି। ପ୍ରାର୍ଥୀମାନେ ନିଜ ନିଜର ସମର୍ଥକଙ୍କୁ ନେଇ ବିଜେଡି ସମର୍ଥୀତ ପ୍ରାର୍ଥୀ ଭାବେ ଭୋଟରଙ୍କୁ ନିଜର ପରିଚୟ ଦେଇ ପଞ୍ଚାୟତ ନିର୍ବାଚନରେ ଭୋଟ ଦେବା ପାଇଁ ଅନୁରୋଧ କରୁଥିବା ଦେଖିବା ପାଇଁ ମିଳିଛି। ପଞ୍ଚାୟତ ଗୁଡିକରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ନିଯୁକ୍ତି , ପାନୀୟ ଜଳ ସମସ୍ୟା ଉପରେ ପ୍ରସଙ୍ଗ କରି ଭୋଟରଙ୍କ ନିକଟତର ହେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି ।

## ଭୋଟ ବର୍ଜନ କରିବେ ଗ୍ରାମବାସୀ

କେନ୍ଦୁଝର, ୩।୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ହାଟଡିହି ବ୍ଲକ କଅଁଳେଇ ବାଲିପାଳ ଜଙ୍ଗଲ ପାହାଡ ପରିବେଷ୍ଟିତ ଦୁର୍ଗମ ଗ୍ରାମରେ ମୌଳିକ ଅଧିକାର ପାଇଁ ଗ୍ରାମବାସୀ ମାନେ ଭୋଟ ବର୍ଜନ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେମାନେ ଗ୍ରାମରେ ବ୍ୟାନର ମାରି ସେମାନଙ୍କ ଦାବି ଉପସ୍ଥାପନ କରିଛନ୍ତି। ପୂର୍ବରୁ ସେମାନଙ୍କ ସମସ୍ୟାକୁ ନେଇ ସରକାର ତଥା ରାଜ୍ୟପାଳଙ୍କୁ ଲିଖିତ ଦାବିପତ୍ର ଦେଇଥିଲେ ହେଁ ସମାଧାନ ହୋଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଏଭଳି ନିଷ୍ପତ୍ତି ନେଇଥିବା ସ୍ଥାନୀୟ ଲୋକ କହିଛନ୍ତି। ରାସ୍ତା, ଘର, ଜାଗା ନାହିଁ ତ ଭୋଟ ଦେବା କଣ ପାଇଁ ବୋଲି ସ୍ଲୋଗାନ ଦେଇ ଦାବି ଉପସ୍ଥାପନ କରିଛନ୍ତି।

## ଭୁବନେଶ୍ୱର କମାଣ୍ଡୋ ଚାମ୍ପିୟନ



ଅତିଥିମାନେ ବିଜୟୀ ଭୁବନେଶ୍ୱର ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଖଇରା,୩।୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ନୟାଖଣ୍ଡି ପଞ୍ଚାୟତ ଅଧୀନ ସୁନ୍ଦରପୁର ଖେଳ ପଡ଼ିଆରେ ଚାଲିଥିବା ସୁନ୍ଦରପୁର କ୍ରିକେଟ ଫେଷ୍ଟିବାଲ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ମା'ତାରିଣୀ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଫାଇନାଲରେ ଭୁବନେଶ୍ୱରର କମାଣ୍ଡୋ ଏକାଦଶ ଭଦ୍ରକ ହିଟମାଇଣ୍ଡକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ତପନ ରାଉତ,ପିଣ୍ଟୁ ନାଥ,ସତ୍ୟ ରାଉତ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ଲୋପାମୁଦ୍ରା ଗାର୍ମେଣ୍ଟସର ମାଲିକ ସଞ୍ଜୟ ଜେନା, ବିଶ୍ୱଜିତ ଜେନା, ବରିଷ୍ଠ ସଦସ୍ୟ ବାପି ନାୟକ ପ୍ରମୁଖ ଯୋଗଦେଇ ଟ୍ରଫି ବଣ୍ଟନ କରିଥିଲେ। ବୁଦ୍ଧାଦେବ କ୍ରିକେଟ ବାଣି ପକ୍ଷରୁ ଖେଳର ଧାରାବିବରଣୀ ପ୍ରଦାନ କରାଯାଇଥିଲା। ଉତ୍କଳ କେଶରୀ ରାଉତଙ୍କୁ ମ୍ୟାନ ଅଫ ଦି ଟୁର୍ନାମେଣ୍ଟ,ଗଣେଶ ପ୍ରଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। କ୍ଲବର ସଦସ୍ୟ ତପନ ସ, ଓମ୍‌ପ୍ରକାଶ,ସତ୍ୟପ୍ରିୟ ରାଉତ,ହିମାଂଶୁ ମହାପାତ୍ର,ବନବିହାରୀ ବେହେରା,ପିଣ୍ଟୁ ବିଶ୍ୱାଳ,ଜୟନ୍ତ ଦାସ,ରବୀନ୍ଦ୍ର ବେହେରା,ବିଶ୍ୱକଲ୍ୟାଣ ନାୟକ,ସଞ୍ଜୟ ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ମୟୂରଭଞ୍ଜ ଜିଲାବାସୀ ପୁଣି ନିରାଶ

**ସର୍ଭେରେ ଅଟକିଛି ରେଳପଥର ବିକାଶ**

ବାରିପଦା ଅଫିସ,୩।୨

ରେଳପଥର ବିକାଶ ନିମନ୍ତେ କେନ୍ଦ୍ର ବଜେଟରେ ମୟୂରଭଞ୍ଜ ଜିଲାବାସୀଙ୍କୁ ଉପହାସ କରାଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ଦିନରୁ ହୋଇଆସୁଥିବା ଦାବି ପ୍ରତି ଗୁରୁତ୍ୱ ଦିଆଯାଇନାହିଁ। ଏଥର ମାତ୍ର ଏକ କୋଟି ଟଙ୍କାର ଅନୁକମ୍ପା ମୂଳକ ସହାୟତା ରାଶି ପ୍ରଦାନ ଜିଲା ପାଇଁ ହାସ୍ୟାସ୍ପଦ ସଦୃଶ ହୋଇଛି। ବାଙ୍ଗରିପୋଷି-ଦେଓଘର ଭାୟା ବାଦାମପାହାଡ଼ ଓ ଚମ୍ପୁଆ ମଧ୍ୟରେ ଦୀର୍ଘ ୧୧୦କି.ମି. ନୂତନ ରେଳପଥ ପାଇଁ ସର୍ଭେ କାର୍ଯ୍ୟକୁ ବଜେଟରେ ମଞ୍ଜୁରୀ ମିଳିଛି। ଚଳିତ ବଜେଟରେ ଓଡ଼ିଶାକୁ ବିପୁଳ ପରିମାଣର ଅନୁଦାନ ପ୍ରଦାନ କରାଯାଇଥିଲେ ହେଁ ଆଦିବାସୀ ଅଧ୍ୟୁଷିତ ଏହି ଜିଲା ପାଇଁ କୌଣସି ଆଖି ଦୃଶିଆ ବ୍ୟବସ୍ଥା କରାଯାଇ ନାହିଁ। ଏହାର ପ୍ରତିବାଦରେ ଆଗାମୀ ଦିନରେ ଜିଲାବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଜବାଜ ହେଉଥିବା ସୂଚନା ମିଳିଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରେଳପଥର ବିକାଶ ପାଇଁ ଓଡ଼ିଶାକୁ ୯ହଜାର ୭୩୪କୋଟି ଟଙ୍କା ପ୍ରଦାନ ଲାଗି ବଜେଟରେ ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିବା ବାଙ୍ଗରିପୋଷି- ଗୋରୁମହିଷାଣୀ, ବାଦାମପାହାଡ଼- କେନ୍ଦୁଝରଗଡ଼ ନୂତନ ରେଳଲାଇନ ନିର୍ମାଣ ପାଇଁ ସର୍ଭେ କାର୍ଯ୍ୟ କରିବାକୁ ବଜେଟରେ ସ୍ୱତନ୍ତ୍ର ଭାବେ ବ୍ୟୟବରାଦ କରାଯାଇଛି। ଦୀର୍ଘ ଦିନ ଧରି ବିଭିନ୍ନ ସଙ୍ଗଠନ ଓ ଦଳ ପକ୍ଷରୁ ଭଦ୍ରାଚଳମ-ଖଡଗପୁର(ଭାୟା- ଶରତ, କପ୍ତିପଦା, ଉଦଳା, ଖୁଣ୍ଟା ଓ ଶୁଳିଆପଦା), ବୁଢ଼ାମରା-ଚାକୁଳିଆ ନୂତନ ରେଳପଥ, ବାଦାମପାହାଡ଼- ରାଉରକେଲା ମଧ୍ୟରେ ନୂତନ ରେଳ ଚଳାଚଳ ପାଇଁ ବାରମ୍ବାର ଦାବି ହୋଇଆସୁଥିଲା। କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ମୟୂରଭଞ୍ଜ ଏମ୍‌ପି ତଥା କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ରହିଛନ୍ତି। ଓଡ଼ିଶାର ସର୍ବବୃହତ ତଥା ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ସୀମାନ୍ତରେ ଥିବା ମୟୂରଭଞ୍ଜ ଜିଲାରେ ରେଳପଥର ବିକାଶ ଦିଗରେ ଉଭୟ ମନ୍ତ୍ରୀ ବୈମାତୃକ ମନୋଭାବ ପୋଷଣ କରିଛନ୍ତି। ବିଗତ ତ୍ରିସ୍ତରୀୟ ଓ ସାଧାରଣ ନିର୍ବାଚନରେ ଭାଜପା ପ୍ରତି ଜିଲାବାସୀ ଦୃଢ ସମର୍ଥନ ଜଣାଇଥିବା ବେଳେ ପ୍ରତିଦାନ ସ୍ୱରୂପ ଭାଜପା ପକ୍ଷରୁ ଜିଲାର ବିକାଶ ଦିଗରେ ଆଶାନୁରୂପ ପଦକ୍ଷେପ ଗ୍ରହଣ କରାଯାଇନାହିଁ।

### ଏମାନେ କୁହନ୍ତି



"ଦୀର୍ଘ ଦିନ ହେଲା ଭାଜପା ନେତୃବୃନ୍ଦ ମୟୂରଭଞ୍ଜବାସୀଙ୍କୁ ପ୍ରତିଶ୍ରୁତି ଦେଇ ଠକି ଚାଲିଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ ଓ ହାସ୍ୟାସ୍ପଦ। କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ରେଳପଥର ବିକାଶ କରନ୍ତୁ।

-ସୁଦାମ ମାରାଣ୍ଡି, ରାଜସ୍ୱ ମନ୍ତ୍ରୀ



"ଆଦିବାସୀ ଅଧ୍ୟୁଷିତ ଜିଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚରମ ଅବହେଳା କରିଆସୁଛନ୍ତି। ଜିଲାରେ ରେଳପଥର ବିକାଶ ହୋଇପାରିଲେ ବହୁ ଯୁବତୀଯୁବକ ରୋଜଗାରକ୍ଷମ ହୋଇପାରନ୍ତେ।

-ହେମନ୍ତ ଦାସ, ଜିଲା କଂଗ୍ରେସ ସଭାପତି



"କେନ୍ଦ୍ର ସରକାରଙ୍କ ପକ୍ଷରୁ ୬୨କି.ମି. ବିଶିଷ୍ଟ ବାଙ୍ଗରିପୋଷି-ଗୋରୁମହିଷାଣୀ ଓ ୮୦କି.ମି.ର ବାଦାମପାହାଡ- କେନ୍ଦୁଝରଗଡ଼ ନୂତନ ରେଳପଥ ନିର୍ମାଣ ପାଇଁ ବଜେଟରେ ବ୍ୟୟବରାଦ କରାଯାଇଛି। ଭାଜପା ନେତୃତ୍ୱାଧିନ ସରକାର ଦେଇଥିବା ପ୍ରତିଶ୍ରୁତି ପାଳନ କରୁଥିବା ବେଳେ ଜିଲାର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। -ସନାତନ ବିଜୁଳି, ଭାଜପା ବିଧାୟକ



"ଜିଲାରେ ରେଳପଥର ବିକାଶ କେବଳ ସର୍ଭେ କାର୍ଯ୍ୟରେ ଅଟକି ଯାଉଥିବା ବେଳେ ଭାଜପା ନେତୃବୃନ୍ଦଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠୁଛି। ଭାଜପାର ସବକା ସାଥ୍ ସବକା ବିକାଶ କଥାରେ କୌଣସି ସତ୍ୟତା ନ ଥିବା ବେଳେ ଜିଲାବାସୀଙ୍କ ହକ୍‌କୁ ନେଇ ଭଞ୍ଜସେନା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ।

-କଳିଙ୍ଗ କେଶରୀ ଜେନା, ପ୍ରତିଷ୍ଠାତା, ଭଞ୍ଜସେନା

